# REGIONAL NEWS UNIT, AIR CUTTACK

## Midday Bulletin (2.32PM)

### 24 May - 2026

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଖରା ଏବଂ ଗୁଳୁଗୁଳି ନେଇ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶଦେଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

— ଆସନ୍ତା ୫ ଦିନ ପର୍ଯ୍ୟନ୍ତ  ଜାରି ରହିବ ଗ୍ରୀଷ୍ମ ପ୍ରବାହ

- ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି-ମଣତି କାର୍ଯ୍ୟ ଆଜିଠାରୁ ସ୍ଥଗିତ

— ଭିତରକାଠ ନିକଟରୁ ଶ୍ରୀଜୀଉଙ୍କୁ ସ୍ୱାଭାବିକ ଭାବେ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ

- ଖାଦ୍ୟରେ ବିଷକ୍ରିୟା ଯୋଗୁଁ ସୁନ୍ଦରଗଡ଼ ଜିଲ୍ଲା ନୂଆଡିହୀ ଗାଁର ୪ ଜଣଙ୍କର ମୃତ୍ୟୁ

ଏବଂ

- ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲା ଗହୀରମଥା ଅଂଚଳରେ ଚଳିତବର୍ଷ ଅଣ୍ଡାଦାନ ନ କରି ସମୁଦ୍ରକୁ ଫେରିଲେ ଅଲିଭ୍ ରିଡ୍ଲେ

# ପାଣିପାଗ

ପ୍ରବଳ ତାତି ଓ ଗୁଳୁଗୁଳି ନେଇ ଜନସାଧାରଣଙ୍କୁ ସତର୍କ ରହିବା ଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ **ସୁରେଶ ପୂଜାରୀ** କହିଛନ୍ତି। ବିଶେଷ ଭାବେ ପୂର୍ବାହ୍ଣ ୧୧ଟାରୁ ଅପରାହ୍ଣ ୩ଟା ମଧ୍ୟରେ ଘରେ ରହିବା ଲାଗି ଶ୍ରୀ ପୂଜାରୀ କହିଛନ୍ତି। ଆବଶ୍ୟକସ୍ଥଳେ ପାଣି, ଓଦା ଗାମୁଛା ସାଙ୍ଗରେ ନେବା ଲାଗି ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି।

**- V/O -**

ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ଦିନ ତାପମାତ୍ରାରେ କୌଣସି ପରବର୍ତ୍ତନ ଘଟିବ ନାହିଁ। ଶ୍ରୀ ମହାପାତ୍ର କହିଛନ୍ତି, ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ତାପମାତ୍ରା ବୃଦ୍ଧି ପାଇବା ସହ ଅତ୍ୟଧିକ ଗୁଳୁଗୁଳି ଅନୁଭୂତ ହେବ। ତେବେ ଓଡ଼ିଶାକୁ ମୌସୁମୀବାୟୁ ଛୁଇଁବା ନେଇ କୌଣସି ପୂର୍ବାନୁମାନ କରାଯାଇନାହିଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ସୂଚନା ଅନୁଯାୟୀ, ଆଜି ଦିନ ସାଢେ ୧୧ଟା ସୁଦ୍ଧା ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୧ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ସମ୍ବଲପୁରରେ ୪୦ ଦଶମିକ ୮, ହୀରାକୁଦରେ ୪୦

ଦଶମିକ ୪ ଓ ଭୁବନେଶ୍ୱରରେ ୩୬ ଦଶମିକ ୪ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

## ରତ୍ନଭଣ୍ଡାର

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି କାର୍ଯ୍ୟ ଆଜିଠାରୁ ବନ୍ଦ ରଖାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ, ପ୍ରବଳ ଭିଡ ଓ ଆଗାମୀ ଦିନରେ ବିଭିନ୍ନ ନୀତିକାନ୍ତି ଦୃଷ୍ଟିରୁ ସାମୟିକ ଭାବେ ଗଣତି କାର୍ଯ୍ୟ ବନ୍ଦ ରଖିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ମାସରେ ସ୍ନାନପୂର୍ଣ୍ଣିମା ପୂର୍ବରୁ ଗଣତି କରାଯିବା ନେଇ ପରବର୍ତ୍ତୀ ବୈଠକରେ ନିଷ୍ପତ୍ତି ନିଆଯିବ। ଆଗାମୀ ସ୍ନାନଯାତ୍ରା ଓ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ଓ ସୁପରିଚାଳନା ପାଇଁ ଚଳିତ ମାସରେ ଛତିଶାନିଯୋଗ ତଥା ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଗଣତିକାର୍ଯ୍ୟ ବନ୍ଦ ରଖିବା ଲାଗି ନିଷ୍ପତ୍ତି ହେବା ପରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆଜିଠାରୁ ସ୍ୱାଭାବିକ ଭାବେ ଭିତର କାଠରୁ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି।

## ଗଣଦୌଡ଼

**ପୁରୀ** ଜିଲ୍ଲା ନିମାପଡା ରାଟିଲୋ ଦହିପଙ୍ଗଠାରେ ଏକ ମିନିଷ୍ଟାଡିୟମ୍ର ଶିଳାନ୍ୟାସ କରାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ଉତ୍କର୍ଷ ମାରାଥନ ଗଣଦୌଡ଼ କାର୍ଯ୍ୟକ୍ରମ ଅବସରରେ ମିନିଷ୍ଟାଡିୟମ୍ର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି।  ସୁସ୍ଥ ସମାଜର ବାର୍ତ୍ତା ନେଇ ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଗଣଦୌଡ଼ରେ ଭାଗ ନେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଥିଲେ। ଉତ୍କର୍ଷ ନିମାପଡା

ଗଠନ ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ। ଶାରୀରିକ ଭାବେ ସୁସ୍ଥ ରହିବା ପାଇଁ ଦୌଡ଼ିବାର ଆବଶ୍ୟକତା ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉତ୍କର୍ଷ ନିମାପଡା ୨.୦ ଉପଲକ୍ଷେ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଟ୍ରଫି ଉନ୍ମୋଚନ କରିଛନ୍ତି। ଏହି ଗଣଦୌଡ଼ରେ ୨୫ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନୀତ କରାଯାଇଥିଲା।

## ଏଜୁକେଶନ ମିନିଷ୍ଟ୍ରି-ଜାପାନ

ଜାପାନରେ ଅନୁଷ୍ଠିତ ହେବାକୁ ଥିବା ସାକୁରା ବିଜ୍ଞାନ କାର୍ଯ୍ୟକ୍ରମ ୨୦୨୬ରେ ଅଂଶଗ୍ରହଣ ଲାଗି ମନୋନୀତ ଛାତ୍ରଛାତ୍ରୀ ନୂଆଦିଲ୍ଲୀରୁ ଗତକାଲି ଯାତ୍ରା କରିଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ସ୍କୁଲଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ମନୋନୀତ କରାଯାଇଛି । ଶିକ୍ଷା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଓଡ଼ିଶା ସମେତ ୧୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରୀ ବିଦ୍ୟାଳୟର ୨୪ଜଣ ଛାତ୍ର ଏବଂ ୩୨ଜଣ ଛାତ୍ରୀଙ୍କୁ ମିଶାଇ ୪ଜଣ ପର୍ଯ୍ୟବେକ୍ଷକ ଏହି ଗସ୍ତରେ ଯାଇଛନ୍ତି । ଏହି ମନୋନୀତ ଦଳ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାପାନରେ ଅବସ୍ଥାନ କରିବେ । ଭାରତ ସହିତ ଏହି କାର୍ଯ୍ୟକ୍ରମରେ ଘାନା, ନାଇଜେରିଆ ଓ ଦକ୍ଷିଣ ଆଫ୍ରିକାର ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରିଛନ୍ତି ।

ଯୁବ ଶିକ୍ଷାର୍ଥୀଙ୍କ ମଧ୍ୟରେ ବୌଦ୍ଧିକ ଚିନ୍ତାଧାରାକୁ ଅଧିକ ବ୍ୟାପକ କରିବା, ବିଜ୍ଞାନଭିତ୍ତିକ ଗବେଷଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଜାପାନ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ସଂସ୍ଥା ୨୦୧୪ ମସିହାରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି ।

## ସିବିଏସ୍‌ଇ-ସ୍ପଷ୍ଟୀକରଣ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ-ସିବିଏସ୍‌ଇ'ର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପରବର୍ତ୍ତୀ ତ୍ରୁଟି ନେଇ ସ୍ୱଷ୍ଟୀକରଣ ଦିଆଯାଇଛି। ଛାତ୍ରଛାତ୍ରୀମାନଙ୍କଠାରୁ ଉତ୍ତରପତ୍ରର ନକଲ ପାଇଁ ଧାର୍ଯ୍ୟ ଦେୟଠାରୁ ଅଧିକ ଆଦାୟ ହୋଇଥିବା ଏବଂ କେତେକ କ୍ଷେତ୍ରରେ କମ୍ ଦେୟ ଆଦାୟ ହେଉଥିବା ନେଇ ସିବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି। ଯେଉଁମାନେ ଅଧିକ ଦେୟ ପ୍ରଦାନ କରିଛନ୍ତି, ସେମାନଙ୍କୁ ବଳକା ଅର୍ଥ ଫେରସ୍ତ କରାଯିବ ବୋଲି ଏକ ବିଜ୍ଞପ୍ତିରେ କୁହାଯାଇଛି। କମ୍ ଦେୟ ଦେଇଥିବା ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଅର୍ଥ ଦେବା ଲାଗି କୁହାଯିବ ବୋଲି ସିବିଏସ୍‌ଇ ସୂଚନା ଦେଇଛି। ପରୀକ୍ଷାର୍ଥୀମାନଙ୍କୁ ଉତ୍ତର ଖାତାର ସ୍କାନ୍ କପି ପାଇଁ ଆଉ ଥରେ ଆବେଦନ କରିବାକୁ ପଡିବ ନାହିଁ ବୋଲି ଜଣାପଡିଛି।

## ବିଷକ୍ରିୟା

ଖାଦ୍ୟରେ ବିଷକ୍ରିୟା ଯୋଗୁଁ ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ୍ ନୂଆଡିହି ଗାଁର ୪ ଜଣଙ୍କ ମୃତ୍ୟୁ ଘଟିଛି। ଏକ ଶ୍ରାଦ୍ଧ ଭୋଜିରେ ଖାଇବା ପରେ ୧୭ ଜଣ ଅସୁସ୍ଥ ହୋଇଥିବା ସୂଚନା ମିଳିଛି। ଅସୁସ୍ଥଙ୍କ ମଧ୍ୟରେ ଜଣେ ୨୩ ମାସର ଶିଶୁକନ୍ୟା ଓ ୧୧ ବର୍ଷିଆ ନାବାଳିକା ଅଛନ୍ତି। ଅସୁସ୍ଥମାନଙ୍କୁ ହେମଗିରି ଓ

**ଝାରସୁଗୁଡ଼ା**ର ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ପୁଲିସ ପକ୍ଷରୁ ଘଟଣାର ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ପରୀକ୍ଷା କାର୍ଯ୍ୟସୂଚୀ

ବିଏଡ୍, ବିଏଚ୍ଏଡ୍ ହିନ୍ଦୀ ଏବଂ ଏମ୍ଏଡ୍ ପ୍ରବେଶିକା ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ଆସନ୍ତା ୩୧ ତାରିଖରେ ୨ବର୍ଷୀୟା ବିଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୩ ତାରିଖରେ ବିଏଚ୍ଏଡ୍ ଏବଂ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବା ନେଇ ରାଜ୍ୟ କର୍ମଚାରୀ ଚୟନ ପ୍ରବରଣ ଆୟୋଗ ପକ୍ଷରୁ ସୂଚନା ମିଳିଛି ।

ମଇ ୩୧ ତାରିଖ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଗୋଟିଏ ସିଟିଂରେ ବିଏଡ୍ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଜୁନ୍ ୩ ତାରିଖ ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଏଚ୍ଏଡ୍ ଓ ଅପରାହ୍ଣ ୩ଟାରୁ ୫ଟା ପର୍ଯ୍ୟନ୍ତ ଏମ୍ଏଡ୍ ପାଠ୍ୟକ୍ରମ ପାଇଁ ପ୍ରବେଶିକା ପରୀକ୍ଷା କରାଯିବ। ସମସ୍ତ ପ୍ରବେଶିକା ପରୀକ୍ଷା ପାଇଁ ଚଳିତମାସ ୨୭ ତାରିଖ ଦିନ ୧୧ଟା ପରଠାରୁ ରାଜ୍ୟ କର୍ମଚାରୀ ଚୟନ ପ୍ରବରଣ ଆୟୋଗର ୱେବ୍ସାଇଟ୍ରୁ ଆଡମିଟ୍ କାର୍ଡ ଡାଉନ୍ଲୋଡ କରାଯାଇପାରିବ। ସୂଚନା ଅନୁଯାୟୀ, ଆସନ୍ତା ଜୁନ୍ ୪ ତାରିଖରେ ପ୍ରବେଶିକା ପରୀକ୍ଷାର ଉତ୍ତରପତ୍ର ପ୍ରକାଶ ପାଇବ।

## ଅଲିଭ୍ ରିଡ୍ଲେ

ବିଶ୍ୱର ସର୍ବବୃହତ୍ ଅଣ୍ଡାଦାନସ୍ଥଳୀ ଭାବେ ପରିଚିତ କେନ୍ଦ୍ରାପଡା ଜିଲ୍ଲାର ଗହୀରମଥା ଅଂଚଳରେ ଚଳିତବର୍ଷ ଅଲିଭ୍ ରିଡ୍ଲେ କଇଁଛ ଅଣ୍ଡାଦାନ ନ କରି ଫେରିଯାଇଥିବା ଜଣାପଡିଛି । ପ୍ରତ୍ୟେକ ବର୍ଷ ଫ୍ଲାଟ୍‌ବ୍ୟାକ୍ସ, ଲଗର ହେଡ୍ସ, ଗ୍ରୀନ୍ ଟର୍ଟଲ, ଲେଦର ବ୍ୟାକ୍ସ, ହକ୍ସବିଲ୍ସ, କେମ୍ପସ୍ ରିଡ୍ଲେ ଓ ଅଲିଭ୍ ରିଡ୍ଲେ ପ୍ରଜାତିର କଇଁଛମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ସମୂହ ଅଣ୍ଡାଦାନ କରୁଥିବାବେଳେ ଅଲିଭ୍ ରିଡ୍ଲେ ପ୍ରଜାତି କଇଁଛ ବଙ୍ଗୋପସାଗରର ଓଡ଼ିଶା ତଟବର୍ତ୍ତୀ ଅଂଚଳକୁ ଅଣ୍ଡାଦାନ କରିବାକୁ ଆସିଥାନ୍ତି । ତେବେ ଚଳିତବର୍ଷ ଅଣ୍ଡାଦାନ ନ କରି ସମୁଦ୍ର ମଧ୍ୟକୁ ଫେରିଯିବା ଘଟଣା ବିସ୍ମୟ ସୃଷ୍ଟି କରିଛନ୍ତି । ୨୦୧୪ ମସିହାରେ ଏଭଳି ଘଟିଥିଲା । ଚଳିତବର୍ଷ ତାପମାତ୍ରା ଅତ୍ୟଧିକ ବୃଦ୍ଧି ଯୋଗୁଁ ଅଣ୍ଡାଦାନ ସମ୍ଭବ ହୋଇ ନଥିବା ଅନୁମାନ କରାଯାଉଛି । ପୂର୍ବରୁ ୧୯୮୨, ୧୯୮୮, ୧୯୯୭, ୧୯୯୮, ୨୦୦୨ ଓ ୨୦୦୮ରେ ଅଲିଭ୍ ରିଡ୍ଲେ କଇଁଛ ଅଣ୍ଡାଦାନ କରି ନଥିଲେ । ଗତବର୍ଷ ଗହୀରମଥାରେ ୬ ଲକ୍ଷରୁ ଅଧିକ ଅଲିଭ୍ ରିଡ୍ଲେ କଇଁଛ ସମୂହ ଅଣ୍ଡାଦାନ କରିଥିଲେ ।

## ରଥକାଠ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ତିନି ରଥର ୨୧ଟି ଅଖ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ପୂର୍ବରୁ ୩ ରଥର ୪୨ଟି ଚକ ନିର୍ମାଣକାର୍ଯ୍ୟ ଶେଷ ହୋଇଥିଲା । ସୂଚନା ଅନୁଯାୟୀ, ତିନି ରଥର ୨୦ ଫୁଟ ଲମ୍ବବିଶିଷ୍ଟ ୧୪ଟି ଲେଖାଏଁ ଚଉଦ ନାହାକା ଖମ୍ବ ନିର୍ମାଣକାର୍ଯ୍ୟ ଜାରି ରହିଛି । ବର୍ତ୍ତମାନସୁଦ୍ଧା ତାଳଧ୍ୱଜ ରଥର ୮ଟି, ଦର୍ପଦଳନ ରଥର ୯ଟି ଏବଂ ନନ୍ଦିଘୋଷ ରଥର ୧୧ଟି ଚଉଦନାହାକା ଚଉପଟ ପରେ ଅଷ୍ଟକୋଣୀ ଅଂଶ ମରାମତି କାର୍ଯ୍ୟ ଶେଷ ହୋଇଛି । ରୂପକାର ସେବକମାନେ ତିନି ରଥର ୮ଟି ଲେଖାଏଁ ତୀଖ

ଗୁଜରେ ସିଂହ ବିରାଳ ରୂପ ଖୋଦେଇ କରୁଛନ୍ତି । ଓଝା ସେବକମାନେ ତିନି ରଥର ଅଖକଣ୍ଟା ଦଣ୍ଡା କଣ୍ଟା ଓ ବେଦୀ ସିଂହାସନର ପ୍ରସ୍ତୁତି ପାଇଁ କଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି ।

## ଜନ୍ମବାର୍ଷିକୀ-ନୀଳମଣି

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଆଜି ଜନ୍ମବାର୍ଷିକୀ ପାଳନ କରାଯାଉଛି । ୧୯୨୦ ମସିହା ମଇ ୨୪ ତାରିଖରେ ଜନ୍ମଗ୍ରହଣ କରିଥିବା ନୀଳମଣି ରାଉତରାୟ ଜନତା ପାର୍ଟିର ପ୍ରାର୍ଥୀ ଭାବେ ୧୯୭୭ ମସିହାରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ୧୯୮୯ ମସିହାରେ ଲୋକସଭାକୁ ନିର୍ବାଚିତ ହେବା ପରେ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ ।

ଏହି ଅବସରରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାର୍ଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

## ସ୍କିଜୋଫ୍ରେନିଆ ଦିବସ

ମାନସିକ ରୋଗୀଙ୍କ ନିମନ୍ତେ ସାମାଜିକ, ସ୍ନେହ, କରୁଣା ଜାଗ୍ରତ କରିବା ସହିତ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସ୍କିଜୋଫ୍ରେନିଆ ସଚେତନତା ଦିବସ ପାଳନ କରାଯାଉଛି ।

ପ୍ରତିବର୍ଷ ମଇ ୨୪ ତାରିଖକୁ ଏହି ଦିବସ ଭାବେ ପାଳନ କରାଯାଇଥାଏ। ଚଳିତବର୍ଷ ସ୍କିଜୋଫ୍ରେନିଆ ଦିବସର ବାର୍ତ୍ତା ହେଉଛି, 'ଆଖ୍ୟାକୁ ପୁର୍ନବିଚାର କରନ୍ତୁ, ନିଜ କାହାଣୀକୁ ଫେରିପାଆନ୍ତୁ'। ସ୍କିଜୋଫ୍ରେନିଆ ହେଉଛି ଏକ ମାନସିକ ସମସ୍ୟା। ଏହା ମଣିଷର ଭାବନା, ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷ ଭାବେ ପ୍ରଭାବିତ କରିଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ପଶୁପକ୍ଷୀ ଚିକିତ୍ସା

**ଗଞ୍ଜାମ** ଜିଲ୍ଲାରେ ଗୃହପାଳିତ ପଶୁପକ୍ଷୀଙ୍କ ଚିକିତ୍ସା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଜିଲ୍ଲାର ୧୧ଟି ପ୍ରାଣୀ ଚିକିତ୍ସାଳୟକୁ ପ୍ରଥମ ପର୍ଯ୍ୟାୟରେ ଅତ୍ୟାଧୁନିକ ହେମାଟୋଲୋଜୀ ଆନାଲାଇଜର ଯନ୍ତ୍ର ପ୍ରଦାନ କରାଯାଇଛି। ରାଜ୍ୟର ପ୍ରଥମ ଜିଲ୍ଲା ଭାବେ ଗଞ୍ଜାମରେ ଏହି ବ୍ୟବସ୍ଥାର ଆରମ୍ଭ କରାଯାଇଛି। ଏହି ଆନାଲାଇଜର ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ପଶୁପକ୍ଷୀଙ୍କ ରକ୍ତ ପରୀକ୍ଷା କରାଯାଇ ରୋଗ ନିରୂପଣ କରାଯାଇପାରିବ। ଅସୁସ୍ଥ ଗୃହପାଳିତ ପଶୁପକ୍ଷୀଙ୍କ ପିଛା ମାତ୍ର ୫୦ ଟଙ୍କା ବ୍ୟୟରେ ଏହି ଯନ୍ତ୍ର ସହାୟତାରେ ସମସ୍ତ ପ୍ରକାର ରକ୍ତ ପରୀକ୍ଷା ସହ ଉନ୍ନତ ମାନର ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ଡାକ୍ତର ଅଞ୍ଜନ ଦାସ ସୂଚନା ଦେଇଛନ୍ତି।